**ଅନୁଗୋଳରୁ ଆଜି 10 ଜଣ କରୋନା ପଜିଟିଭ୍ ଚିହ୍ନଟ**

ପଜିଟିଭ୍ ସଂଖ୍ୟା ପହଞ୍ଚିଲା 106ରେ

ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ବଅଁରପାଳ ବ୍ଲକର ଏକ ଶିଳ୍ପ ସଂସ୍ଥା ଅଞ୍ଚଳରୁ ଆଜି 6 ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହି 6 ଜଣଙ୍କ ମଧ୍ୟରେ 5 ପୁରୁଷ ଓ ଜଣେ ମହିଳା । ଏହି 5 ଜଣ ଆକ୍ରାନ୍ତ ପୁରୁଷଙ୍କ ବୟସ ଯଥାକ୍ରମେ 58, 36, 55, 59 ଓ 55 ଥିବା ସ୍ଥଳେ ମହିଳା ଆକ୍ରାନ୍ତଙ୍କ ବୟସ 55 ବର୍ଷ ବୋଲି ଜଣାପଡ଼ିଛି । କିଶୋର ନଗର ବ୍ଲକ ଅଞ୍ଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ 2 ଜଣ ପୁରୁଷ ଯାହାଙ୍କର ବୟସ 25 ଓ 44 ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଆକ୍ରାନ୍ତ 36 ବର୍ଷିୟ ପୁରୁଷ ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି କଣିହାଁ ସ୍ଥିତ ଶିଳ୍ପାଞ୍ଚଳରୁ ଜଣେ 76 ବର୍ଷିୟ ପୁରୁଷ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେମାନଙ୍କର ନମୂନା ଆଜି ପଜିଟିଭ୍ ଜଣାପଡ଼ିବା ପରେ ସେମାନଙ୍କୁ ପର୍ଯ୍ୟାୟ କ୍ରମେ ତାଳଚେର କୋଭିଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସୁଚନା ଦେଇଛନ୍ତି । ଏହି 10 ଜଣଙ୍କୁ ମିଶାଇ ଜିଲ୍ଲାରେ ପଜିଟିଭ୍ ସଂଖ୍ୟା 106ରେ ପହଞ୍ଚିଛି । ଏହା ଛଡ଼ା ଗତକାଲି 6 ଜଣ ସୁସ୍ଥ ହୋଇ କୋଭିଡ୍ କେୟାର ସେଣ୍ଟରକୁ ନିରୀକ୍ଷଣ ନିମନ୍ତେ ସ୍ଥାନାନ୍ତର କରାଯାଇଛି । ପୂର୍ବରୁ 54 ସୁସ୍ଥଙ୍କୁ ମିଶାଇ ସମୁଦାୟ ସୁସ୍ଥଙ୍କ ସଂଖ୍ୟା 60ରେ ପହଞ୍ଚିଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଅନୁଗୋଳ